# Akashvani, Sambalpur

## SAMBALPURI NEWS MORNING BULLETIN

## 7 August 2026 - 6.47- 6.52 am.

---

ନିବେଶକ୍ ସମ୍ମିଳନୀ      ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ଶିଳ୍ପ ବିଭାଗ୍ ତରଫୁ ନୂଆଦିଲ୍ଲୀ ନ ଆଏଜ୍ଠାନୁ ୨ ଦିନିଆ ନିବେଶକ୍ ସମ୍ମିଳନୀର୍ ଆୟୋଜନ୍ କରାଯାଉଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ୍ ୨୦୨୬ ଆଉ ନିବେଶକ୍ ରୋଡ୍ସୋ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବେ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ରାଏଜେ ନିବେଶ୍ ଲାଗି ଶିଳ୍ପପତିମାନ୍କର୍ ସାଙ୍ଗେ ଆଲୋଚନା କର୍ବେ । ଇ ଅବ୍ସରେ ଭିନ୍ ଭିନ୍ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ଭିଲ୍ ହେବା । କାର୍ଯ୍ୟକ୍ରମ୍ଥି ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ୍ ସଚିବ ପ୍ରମୁଖ ଯୋଗ୍ ଦେବେ ।

ରାଜସ୍ୱ ମନ୍ତ୍ରୀ        ଆଇ ଆଣ୍ଡ୍ ପି.ଆର୍

ଭୂବନେଶ୍ୱର୍ ଲୋକ୍‌ସେବା ଭବନ୍ ନ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଲନା କର୍ତୃପକ୍ଷଙ୍କର୍ ବରିଷ୍ଠ ଅଧିକାରୀ ମାନ୍‌କର୍ ସହେତେ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ କରିଛନ୍ । ରାଏଜେ ଦେଖାଦେଇଥିବା ବଏଢ଼୍ ପରିସ୍ଥିତିର୍ ପରିଚାଲନା ବାବ୍‌ଦେ ବିସ୍ତୃତ୍ ଆଲୋଚନା କର୍‌ବାର୍ ସହେତେ ବିପର୍ଯ୍ୟୟ ପରିଚାଲନା ଭିତିଭୂମିକେ ବର୍‌କସ୍ କର୍‌ବାର୍ ଲାଗି ଅତ୍ୟାଧୁନିକ୍ ଜ୍ଞାନ୍ କୌଶଲ୍ ପ୍ରୟୋଗ୍ ଉପ୍‌ରେ ମନ୍ତ୍ରୀ ଶ୍ରୀ ପୂଜାରୀ ଜୋର୍ ଦେଇଛନ୍ । ସେନ୍ତା ଭିନ୍ ଭିନ୍ ଜାଗା ନ ବହୁମୂଖୀ ଆଶ୍ରୟସ୍ଥଲୀ ତିଆର୍ କାମ୍‌କେ ତୁର୍‌ତି କର୍‌ବାର୍ ଲାଗି ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ବଏଢ଼୍ ଉତ୍‌ରୁ କ୍ଷୟକ୍ଷତି ଆକଲନ୍ ହେବାର୍ ସହେତେ ପ୍ରଭାବିତ୍ ହେଇଥିବା ୨୨ ଟା ଜିଲ୍ଲାକେ ଶହେ ୧୦ କୋଟି ଆର୍ଥିକ୍ ସାହାଜ୍ ଦିଆଯାଇଛେ ।

ଜାତୀୟ ହସ୍ତତନ୍ତ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ ଜାତୀୟ ହସ୍ତତନ୍ତ ଦିବସ । ହସ୍ତତନ୍ତର୍ ପ୍ରଚାର ଆଉ ପ୍ରସାର କର୍‌ବାର ସାଂଗେ ବୁଣାକାର ମାନଙ୍କୁ ତହଁକାବାର ଲାଗି ୨୦୧୫

ମସିହାନୁ ଫି ବଛର ଅଗଷ୍ଟ ୭ ତାରିଖକେ କେନ୍ଦ୍ର ସରକାରଙ୍କର ବୟନ ଆର ହସ୍ତତନ୍ତ ମନ୍ତ୍ରଣାଳୟ ତରଫୁ ଜାତୀୟ ହସ୍ତତନ୍ତ ଦିବସ ହିସାବେ ପାଳନ କରାଯାଉଛେ । ୧୯୦୫ ମସିହାଥି ଆଝିର୍ ଦିନେ ସ୍ୱଦେଶୀ ଆନ୍ଦୋଳନ୍ ମୁଲ୍ ହେଇଥିଲା । ଇ ଦିନ୍‌କେ ସୋର୍ ରଖିବାର୍ ଲାଗି ଜାତୀୟ ହନ୍ତତନ୍ତ ଦିବସ୍ ଭାବେ ପାଳନ୍ କରାଯାଉଛେ ।

ଜାତୀୟ ହସ୍ତତନ୍ତ ଦିବସ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ସମୃଦ୍ଧ ହସ୍ତତନ୍ତ ପରମ୍ପରା ଆଉ ବୁନ୍‌କର୍ ମାନ୍‌କର୍ ଅବଦାନ୍‌କେ ସମ୍ମାନ୍ ଜନେଇକରି ଆଏଜ୍ ୧୨ ନମ୍ବର୍ ଜାତୀୟ ହସ୍ତତନ୍ତ ଦିବସ୍ ଅବ୍‌ସରେ ନୂଆଦିଲ୍ଲୀ ବିଜ୍ଞାନ୍ ଭବନ୍ ଠାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୨୫ ବଛର୍ ଲାଗି ୨୨ ଝନ୍ ଶ୍ରେଷ୍ଠ ବୁନାକାର୍‌ଙ୍କୁ ଜାତୀୟ ହସ୍ତତନ୍ତ ପୁରସ୍କାର୍ ପ୍ରଦାନ୍ କର୍‌ବେ ।
ଭୁବ୍‌ନେଶ୍ୱର୍ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଭିଲ୍ ଆଏଜ୍ ଜାତୀୟ ହସ୍ତତନ୍ତ ଦିବସ୍ ପାଳନ୍ କରାଯିବା । କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍

ହରିବାବୁ କମ୍ଭମ୍ପାଟି ହସ୍ତତନ୍ତ, ବୟନ ଆଉ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ ପ୍ରମୁଖ ଯୋଗ୍ ଦେବେ ।

ମୁଖ୍ୟ ଶାସନ୍ ସଚିବ-ଏଗ୍ରିଷ୍ଟେକ୍ ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଭୁବନେଶ୍ୱର୍ ଲୋକସେବା ଭବନ୍ ସମ୍ମିଳନୀ କକ୍ଷ ନ ଗଲାକାଏଲ୍ ଏଗ୍ରିଷ୍ଟେକ୍ ଓଡ଼ିଶାର ରାଜ୍ୟସ୍ତରୀୟ ପରିଚାଳନା କମିଟି ବୈଠକ୍ ହେଇଯାଇଛେ । ବୈଠକ୍ଥି ରାଜ୍ୟକୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ର କମିଶନର୍ ଆଉ ଶାସନ୍ ସଚିବ ସଚିନ୍ ରାମଚନ୍ଦ୍ର ଯାଧବ୍ ରାଏଜେ ଏଗ୍ରିଷ୍ଟେକ୍ ଅଧୀନ୍ଥି କୃଷକ୍ ପଞ୍ଜିକରଣ୍ ଆଉ ଡିଜିଟାଲ୍ ଫସଲ୍ ସର୍ବେକ୍ଷଣ୍ ସ୍ଥିତି ଉପସ୍ଥାପନ୍ କରିଥିଲେ । ଝାର୍ସୁଗୁଡ଼ା ଜିଲ୍ଲା ନ ସବୁନୁ ଅଏତ୍କା ୭୫ ଦଶ୍ମିକ୍ ୭/୮ ପ୍ରତିଶତ୍ କୃଷକ୍ ପଞ୍ଜିକରଣ୍ ହେଇଥିବାର୍ ବୈଠକ୍ନୁ ଜନାପଡ଼ିଛେ । ଇତାର୍ସହେତେ ରାଏଜେ ଡିଜିଟାଲ୍ ଫସଲ୍ ସର୍ବେକ୍ଷଣ୍ର ରବି ଆଉ ଖରିଫ୍ ଋତୁ ଲାଗି ପ୍ରସ୍ତୁତିର୍ ସମୀକ୍ଷା କରାଯାଇଥିଲା । ଖରିଫ୍ -୨୦୨୬ ଲାଗି

ତିଆର୍ ହେଇଥିବା କାର୍ଯ୍ୟଯୋଜ୍ନା ଅନ୍ସାରେ ଡିଜିଟାଲ୍ ଫସଲ୍ ସର୍ବେକ୍ଷଣ୍ ଆଏବା ୧୬ ତାରିଖ୍ନୁ ମୁଲ୍ ହେବା ବଲି ଜନାପଡ଼ିଛେ ।

ଏସ୍ଆଇଆର୍ ଆଇ ଆଣ୍ଡ୍ ପି.ଆର୍

ରାଏଜେ ଚାଲିଥିବା ଭୋଟର୍ ତାଲିକାର୍ ସ୍ୱତନ୍ତ୍ର ସଘନ ସଂଶୋଧନ୍- ୨୦୨୬ ପ୍ରକ୍ରିୟା ଇହାଦେ ଶେଷ୍ ଖେପ୍ ଆଡ଼୍କେ ଯାଉଛେ । ଦାବି, ଆପତି ଆଉ ଶୁଣାଣି ପ୍ରକ୍ରିୟା ଜୋର୍ସୋର୍ଥି ଚାଲିଥିବା ବେଲେ ଆଏବା ୧୯ ତାରିଖ୍ ଭିତ୍ରେ ଯୋଗ୍ୟ ନାଗରିକ୍ମାନେ ନିଜର୍ ଆବେଦନ୍ କରିପାର୍ବେ । ଆଏବା ସେପ୍ଟେମ୍ବର୍ ୨୧ ତାରିଖ୍ ଚୂଡ଼ାନ୍ତ ଭୋଟର୍ ତାଲିକା ବାହାର୍ବା ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍ ସୂଚ୍ନା ଦେଇଛନ୍ ।

ସଡ଼କ୍ ସୁରକ୍ଷା କଟକ୍ ସମ୍ବାଦଦାତା

ରାଏଜେ ସଡ଼କ୍ ଦୁର୍ଘଟଣାକେ କମ୍ କର୍‌ବାର୍ ଆଉ ସଡ଼କ୍ ସୁରକ୍ଷା ନିୟମ୍‌କେ କଡ଼ାକଡ଼ି ଭାବେ ମାନ୍‌ବାର୍‌ଟାକେ ସୁନିଶ୍ଚିତ୍ କର୍‌ବାର୍ ଲକ୍ଷ୍ୟଥି ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନାଙ୍କର୍ ନିର୍ଦ୍ଦେଶ୍‌ଥି ସାରା ରାଏଜେ ଏନ୍‌ଫୋର୍ସମେଂଟ୍ ପ୍ରକ୍ରିୟା ଚାଲିଛେ । ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା ଆଉ ସୁନ୍ଦର୍‌ଗଡ଼୍ ଜିଲ୍ଲା ନ ପରିବହନ୍ ବିଭାଗ୍ ଆଉ ପୁଲିସ୍ ତର୍‌ଫୁ ବ୍ୟାପକ୍ ଯାଂଚ୍ କରାଯାଉଛେ । ନିୟମ୍ ଉଲ୍ଲଂଘନ୍‌କାରୀ ଗାଡ଼ି ମାନ୍‌କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ଭିଲ୍ ନିଆଯାଉଛେ ।

ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ          ଝାର୍‌ସୁଗୁଡ଼ା ସମ୍ବାଦଦାତା

ଯୌତୁକ୍ ନିଷେଧ୍ ଆଇନ ୧୯୬୧ ର କାର୍ଯ୍ୟକାରିତାକେ ବର୍‌କସ୍ କର୍‌ବାର୍ ସହେତେ ଇତାର୍ ବାବ୍‌ଦେ ସଚେତନତା ବଢ଼ାବାର୍ ଉଦ୍ଦେଶ୍ୟଥି ଝାର୍‌ସୁଗୁଡ଼ା ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ଡି.ଏମ୍.ଏଫ୍. ସମ୍ମିଲନୀ କକ୍ଷ ନ ଦିନ୍‌କିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ପ୍ରଶିକ୍ଷଣ୍‌ଥି ଯୌତୁକ୍ ନିଷେଧ୍ ଆଇନ୍ ର ଆଇନ୍‌ଗତ ବ୍ୟବସ୍ଥା, ଭିନ୍ ଭିନ୍ ବିଭାଗ୍‌ର ଭୂମିକା ଆଉ ଦାୟିତ୍ୱ,

ପିଡ଼ିତା ମାନ୍‌କର୍ ଲାଗି ସାହାଜ୍ ବ୍ୟବସ୍ଥା, ଆନ୍ତଃବିଭାଗୀୟ ତାଲ୍‌ମେଲ୍ ଆଉ ଯୌତୁକ୍ ପ୍ରଥାକେ ଅଟ୍‌କାବାର୍ ଲାଗି ପ୍ରତିଷେଧକ୍ ପଦକ୍ଷେପ୍ ବାବ୍‌ଦେ ବିସ୍ତୃତ୍ ଆଲୋଚନା କରାଯାଇଥିଲା ।

ପ୍ରଧାନ୍ ଶିକ୍ଷକ୍, ଶିକ୍ଷୟିତ୍ରୀ-ବୈଠକ୍       ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍‌ନା ପଂଚାୟତ୍ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନ ପ୍ରଧାନ୍ ଶିକ୍ଷକ୍, ଶିକ୍ଷୟିତ୍ରୀମାନ୍‌କୁ ନେଇକରି ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର୍ ପ୍ରଶାନ୍ତ କୁମାର୍ ମହାନ୍ତିଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଜିଲ୍ଲାପାଳ୍ ମଧୁସୂଦନ୍ ଦାସ ଯୋଗ୍ ଦେଇକରି ଜିଲ୍ଲାର୍ ଶିକ୍ଷା କ୍ଷେତ୍ରଥି ହାସଲ୍ ହେଇଥିବା ସଫଳତାର୍ ସମୀକ୍ଷା କରାଯାଇଥିଲା । ଇ ଅବ୍‌ସରେ ସମ୍ଭାବନା ୨୦୨୭ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିଥିଲେ ।

ପାଣିପାଗ୍       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ  ଦକ୍ଷିଣ ପର୍ଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍ଥି ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୧୧ ତାରିଖ୍ତକ୍ ବର୍ଷା ଲାଗି ରହେବା ।  ଆଏବା ୨୪ ଘଂଟା ଭିତ୍ରେ ବିଜ୍ଲି, ଘଡ଼୍ଘଡ଼ି ସାଙ୍ଗେ ବର୍ଷା ହେବା ବଲି ପାଖାପାଖ୍ଥି ସବୁ ଜିଲ୍ଲାକେ ସତର୍କ ସୂଚ୍ନା ଜାରି କରାଯାଇଛେ ।